# ବଣ୍ଡାମାନଙ୍କ ମାଘ ପରବ

ଡକ୍ଟର ପ୍ରମୋଦିନୀ ହୋତା

ବଣ୍ଡାମାନଙ୍କ ମାଘ ପର୍ବକୁ ସୁ ସୁଗିଗେ କୁହାଯାଏ । ଏହି ପର୍ବ ବାରଜଙ୍ଗାର ଆଣ୍ଡରା ଗୋଷ୍ଠୀ ତଥା ଆଣ୍ଡ୍ରା ହଲ୍ ଆରକ୍ ଗୋଷ୍ଠୀ ବଣ୍ଡାମାନେ ପାଳନ କରିଥାନ୍ତି । ସୁସୁ ଶବ୍ଦର ଅର୍ଥ ହେଲା ଧାନ ରୁଣ୍ଡେଇବା ବା ବିକ୍ଷିପ୍ତ ହୋଇପଡିଥିବା ଧାନକୁ ଏକତ୍ରିତ କରିବା । ଏହି ପର୍ବର ପାଳନ କରିବା ବିଷୟରେ ଗୋଟିଏ କିମ୍ବଦନ୍ତୀ ରହିଅଛି । ମୁଦୁଲିଜାତି ବୁରସୁଂ ପାହାଡରେ ବଣ୍ଡାକ୍ ଅଞ୍ଚଳରେ ମୁଦୁଲିପଡା (ବଡ଼ଗାଁ) ତିଆରି କଲେ । ମୁଦୁଲିପଡାରେ କିର୍‌ଶାନ୍ ଗାଦବା ଲୋକମାନେ ଏକତ୍ରିତ ହୋଇ ଚାଷବାସ କରିବା ପାଇଁ ଠିକ୍ କଲେ । ସିସାକୁ ଧରଣୀ ପୂଜା କରିବାକୁ ଆମନ୍ତ୍ରଣ କରାଗଲା । ଧଙ୍ଗଡା ମାଝୀକୁ ବଇଦ ପାଇଁ ଡ଼କାଗଲା । ସେଠାରେ ଉର୍ବର ଜମି ଓ ଡଙ୍ଗର ରହିଥିବା ଯୋଗୁଁ ମାଣ୍ଡିଆ, ସୁଁଆ ଭଲ ଫସଲ ହେଲା । ଗୋଟିଏ ବର୍ଷ ମାଣ୍ଡିଆ ସୁଆଁ ଫସଲ ହେଲା ନାହିଁ । ଗାଁରେ ଭାଳେଣି ପଡିଲା । ବଡଠାକୁର ଗାଁର ନାୟକ ପୂଜାରୀକୁ ସ୍ୱପ୍ନାଦେଶ ଦେଲେ ବୁର୍କା (ମୁଦୁଲି) ଦାଡିଂମ୍ ଯାଇ ଦାଁ ଡୁନ୍ ବାବୁକୁ ସାଥିରେ ଆଣିଲେ ଗାଁରେ ସେ ଧାନ ବିହନ ପୂଜା କରିବ । ସେହି ବିହନକୁ ସମସ୍ତେ ବାଣ୍ଟି ଘର ଧାନ ବିହନ ସହିତ ମିଶାଇ ଜମିରେ ବୁଣିବ, ପହ୍ଲାଧାନ ରୋଇବ । ତା'ଫଳରେ ଧାନ ମାଣ୍ଡିଆ ଅଧିକ ପରିମାଣରେ ଅମଳ ହେବ । ସକାଳେ ବଡ ନାୟକ (ବୁର୍କା ମୁଦୁଲି) ସ୍ୱପ୍ନାଦେଶ ବିମା ସମସ୍ତଙ୍କୁ ଗାଁରେ କହିଲା । ବାବୁକୁ ଡାକିବା ପାଇଁ ଦାଁ ଡିମ୍ ଗାଁକୁ ବାହାରିଲା । କିନ୍ତୁ ଜଙ୍ଗଲ ରାସ୍ତାରେ ସେ ବାଟ ଭୁଲିଗଲା । ନିଜ ଗାଁକୁ ପୁଣିଥରେ ଫେରି ଆସିଲା । ଏଥର ବୁର୍କା ମୁଦୁଲି ସାଥିରେ ଗାଁରୁ ନାଗା ଦାଁ ଡିମ୍ ଯିବାକୁ ବାହାରିଲା । ବହୁତ କଷ୍ଟରେ ଦୁହେଁ ଦାଁ ଡ଼ିମ୍ ଗାଁରେ ପହଞ୍ଚିଲେ । ବାବୁ ଚାଷ କରିବା ପାଇଁ ଜମିକୁ ଯାଇଥିଲା । ଦୁହେଁ ବାବୁକୁ ଡାକିବା ପାଇଁ ଜମିକୁ ଗଲେ । ସେଠାରେ ଆଚମ୍ବିତ କଥା ଦେଖିଲେ । ବାବୁ ଲଙ୍ଗଳରେ ଗୋଟିଏ ଜୁଆଳିରେ ବଳଦକୁ ବାନ୍ଧି ଅନ୍ୟ ଜୁଆଳିରେ ମହାବଳ ବାଘକୁ ବାନ୍ଧି ଜୁଆଳିରେ ବଡ ନାଗ ସାପକୁ ଦଉଡି ଭାବେ ବାନ୍ଧି ସେଠାରେ ଜମି ନାହିଁ, ଚାରିଆଡେ ପଥର ପଡିଛି ତାହାପରେ ବାବୁ ଚାଷ କରୁଚି ଭୟଭୀତ ହୋଇ । ବାବୁର ଘରକୁ ଫେର ବୁର୍କା ନାଗା ଦୁହେଁ ଘରେ ଦେଖିଲେ ବାବୁର ସ୍ତ୍ରୀ ପୁଅକୁ ଶୁଆଇ ତା'ର ସ୍ତ୍ରୀ ପାଣି ଆଣିବାକୁ ଯାଇଛି । ଏହା ସୁବର୍ଣ୍ଣ ସୁଯୋଗ ଭାବି ଦୁହେଁ ବାବୁର ପୁଅକୁ ଚୋରାଇ ଆଣିଲେ । ବାବୁର ସ୍ତ୍ରୀ ପୁଅକୁ ନ ଦେଖି ବାବୁ ପାଖକୁ ଦୌଡିଗଲା । ସମସ୍ତ କଥା ଶୁଣିବା ପରେ ବାବୁ ପୁଅକୁ ଖୋଜି ଖୋଜି ସ୍ତ୍ରୀ, ବାଘ, ବଳଦ, ନାଗସାପ, ଲଙ୍ଗଳ ସହିତ ବଡ ଗାଁ (ମୁଦୁଲିପଡା) ରେ ପହଞ୍ଚିଲା । ବାବଙ୍କୁ ଦେଖି ମୁଦୁଲିପଡାର ଲୋକେ ଆନନ୍ଦିତ ହୋଇ ବାବୁଙ୍କୁ ଠାକୁର ପୂଜକ ଭାବରେ ରହିବାକୁ କହିଲେ । ବାବୁ ବିହନ ଧାନକୁ ଏକାଠି କରି ବଡଠାକୁରଙ୍କ ପାଖରେ ପୂଜା କଲା । ମୁଦୁଲି ବାବୁଙ୍କୁ ମାଣ ଦେଲା ଏବଂ ତା' ସହିତ ମାନ୍ଦ୍ରା ସଂଜ୍ଞା ଯୋଗକଲା । ସେ ଦିନଠାରୁ ବାବୁର ନାମ ବାବୁନ୍ ମାନ୍ଦ୍ରା ହେଲା । ମୁଦୁଲି କିର୍‌ଶାନି ବାବୁ ଆଣିଥିବା ଯୋଗୁଁ ସେମାନେ ପରସ୍ପର ମିତ୍ର ବସିଲେ ଏବଂ ଏକାଠି ବସି ଚରୁ ଅନ୍ନ ଖାଇଲେ । ସେଦିନଠାରୁ ମାଘ ସୋମବାର ଦିନ ଧାନ ମପାଯାଏ ଏବଂ ବଡଠାକୁରଙ୍କ ପାଖରେ ମାନ୍ଦ୍ରା ସଂଜ୍ଞା ଧାରୀ ଲୋକେ ପୂଜା କରିଥାନ୍ତି । ଧାନ ବିହନ ଶୁଶୁକେର୍ ପୂଜା କରିବା ଫଳରେ ଭଲ ଚାଷ ହେଲା । ବାବୁଙ୍କୁ ମୁଦୁଲି ପ୍ରଥମେ ବର୍ତ୍ତମାନ ଶିବ ମନ୍ଦିର ଥିବା ବୁର୍ ସୁଂ ପାହାଡରେ ଘର କରି ରହିବା ପାଇଁ ବ୍ୟବସ୍ଥା କରିଥିଲେ । ବାବୁର ବଂଶ ବୃଦ୍ଧି ହେବା ଫଳରେ ବୁର୍ ସୁଂ ପାହାଡ ତଳକୁ ଝରଣା କୂଳରେ ସେମାନେ ଦୁଇ ସାହି ତିଆରି କଲେ । ବର୍ତ୍ତମାନ ସେହି ଅଞ୍ଚଳରେ ମାନ୍ଦ୍ରାମାନଙ୍କ ସଂଖ୍ୟା ତିନିଶହରୁ ଉର୍ଦ୍ଧ୍ୱ ଅଟେ । ବାବୁ ଏବଂ ବାବୁର ସ୍ତ୍ରୀ ଗରୁମ୍ ଶାମା (ପାରେଙ୍ଗା ଭାଷାରେ) କଥା ହେଉଥିଲେ କିନ୍ତୁ ବାବୁର ପୁଅ ବଣ୍ଡା ଭାଷା ରେମଶାମ୍‌ରେ କଥା ହେଉଥିଲା । କାଳକ୍ରମେ

ପାରେଙ୍ଗା ଭାଷା ଲୋପ ପାଇଲା । ସମସ୍ତେ ବଣ୍ଡା ଭାଷାରେ କଥା ହେଲେ। ଥରେ ବାଘ, ବଳଦ, ନାଗସାପ ଲଙ୍ଗଳକୁ ଚାଷ କରିବାକୁ ନେଇ ଅସୁବିଧାର ସମ୍ମୁଖୀନ ହୋଇଥିବା ଗୋଷ୍ଠୀକୁ ସହାୟତା କଲା। ସେଦିନଠାରୁ ଦାଁତିପଡା ଗାଁର ମଙ୍ଗଳ ମାନ୍ଦ୍ରା ନିଜକୁ ପାରେଙ୍ଗା ଭାବରେ ପରିଚିତ କଲା। ତେଣୁ ଆଜିଯାଏ ମଙ୍ଗଳା ମାନ୍ଦ୍ରାର ଘର ସମ୍ମୁଖରେ ବାବୁ ଆଣିଥିବା ଲଙ୍ଗଳ କୁଆଳି ରଖାଯାଇ ଅଛି। ତାକୁ ପବିତ୍ର ସ୍ଥାନ ରୂପେ ପୂଜା କରାଯାଉଛି। ସୁସୁ ପର୍ବ ସେଠାରେ ପାଳନ କରାଗଲା। ଏହି ପର୍ବ ଆରମ୍ଭ ପୂର୍ବରୁ ମାନ୍ଦ୍ରା, ମୁଦୁଲି, କିର୍‌ଶାନ୍ତି, ଅଙ୍ଗଡା ମାଝି, ସିସା ସମସ୍ତେ ଏକତ୍ର ବସି ପୂଜା ବିଷୟରେ ଆଲୋଚନା କରିଥାନ୍ତି । ଏହି ସଭାସ୍ଥଳକୁ ସୁସୁଲାୟିବେର୍ କୁହାଯାଏ। ପୂଜାରେ ଖର୍ଚ୍ଚ ହେଉଥିବା ଧାନ ଚାଉଳ, ଛେଳି, କୁକୁଡା କ୍ରୟ ପାଇଁ ବଡ ନାୟକ (ମୁଦୁଲି) ଦାୟିତ୍ୱ ନେଇଥାଏ। ତେଣୁ ବନ୍ଧଗୁଡା ଗାଁର ମଝି ନାଳ ଜମି ଦୁଇଟିରେ ଧାନ ଚାଷ କରାଯାଏ। ମୁଦୁଲି ପାଟଖଣ୍ଡା ଓହ୍ଲାଇବ, ବଡନାୟକ ପୂଜା କରିବା ଓ ମାନ୍ଦ୍ରା ଧାନ ବିହନ ପୂଜା କରିବା କିର୍‌ଶାନି ପୂଜା ଭୋଗ ଚରୁ ଅନ୍ନ ସରୁଜାଂ ରାନ୍ଧିବା ଦାୟିତ୍ୱ ନେଇଥାନ୍ତି। ମୁଦୁଲି ବାରଜାଙ୍ଗାର ମୁଖ୍ୟାଦାର ବା ମୁଠାଦାର ଭାବରେ ମାନ୍ଦ୍ରାମାନେ ସୁସୁ ପର୍ବର ପୂଜକ ଏବଂ କିର୍‌ଶାନ୍ ମଧ୍ୟ ପୂଜକ ଏବଂ ବାରିଃ ବା ଚଲାନ୍ ବଂଶାନୁକ୍ରମେ କାର୍ଯ୍ୟ ତୁଲାଇଥାନ୍ତି। ଧାନ ବିହନ ସୁସୁ ପର୍ବ ମାଘ ମାସର ପ୍ରଥମ ସୋମବାର ଦିନ ୧୧ଟା ସମୟରେ ମୁଦୁଲିପଡା ମୁନାଙ୍ଗମ୍‌ର ମୁଠାଦାର ନାଏକ ଘର ଦାଣ୍ଡରେ ଆଡାରୁଂ ମାଣ ମପା ଯାଏ ଏବଂ ସୁସୁ ପର୍ବର ଆରମ୍ଭ ହୁଏ। ଲାୟିବେରିରେ ପ୍ରାୟ ଦିନ ୧୦ଘଣ୍ଟା ମଧ୍ୟରେ ବାରଜାଙ୍ଗାର୍ ବାରଟି ଗାଁର ପ୍ରତ୍ୟେକ ନାୟକ ନିଜ ନିଜ ଗାଁରୁ ସାଥିରେ କେରଂରୁ (ଚାଉଳ), ସୁଆଁ ଚାଉଳ(ରିଗ୍‌ରିଂ) ଦୁଇ ତିନି କିଲୋ ଆଣିଥାନ୍ତି। ଅନ୍ୟ ଗାଁରୁ ନାୟକମାନେ ସାଥିରେ ମଦ ଆଣିଥାନ୍ତି। ମୁଦୁଲିପଡା ଗାଁର ନାୟକ ବା ମୁଖିଆ ଦାଁତିପଡା ଗାଁକୁ ଯାଇ ମାନ୍ଦ୍ରା ପୂଜାରୀ ଏବଂ ତା'ର ସହଯୋଗୀକୁ ସମ୍ମାନ ସହିତ ଡାକି ଆଣିଥାନ୍ତି । ବଡ ନାୟକ ଘର ଦାଣ୍ଡରେ ମାଣରେ ଚାଉଳ ମପାଯାଏ। ସେଠାରେ ଧୂପ ଦୀପ କୁକୁଡା ଚାଉଳ ସଂଗେ ପୂଜା କରି ପ୍ରତ୍ୟେକ ଗାଁର ନାଏକମାନେ ଆଣିଥିବା ଚାଉଳକୁ ଦୁଇମାଣ ଲେଖାଏଁ ମାପି ଅଲଗା ରଖାଯାଏ ଅଧିକା ସୁଆଁ ବାଜରାକୁ ସେହି ଗାଁର ଲୋକମାନେ ପରସ୍ପର ମଧ୍ୟରେ ବାଣ୍ଟିଥାନ୍ତି। ବାରଜାଙ୍ଗା ଗାଁରେ ମପାଯାଇ ଥିବା ଶସ୍ୟକୁ ବଡନାୟକ ନିଜ ଘରେ ପେଣ୍ଡମ୍ ପ୍ରସ୍ତୁତ କରି ସମସ୍ତ ଗାଁର ନାୟକ, ଅନ୍ୟ ଗାଁରୁ ଆସିଥିବା ଗଣମାନ୍ୟ ବ୍ୟକ୍ତିମାନଙ୍କୁ ପେଣ୍ଡମ୍ ବାଣ୍ଟିଥାଏ। ପୂଜା ପାଇଁ ଛେଳି(ଗିମେ), କୁକୁଡା(ଗିସିଂ), ଘୁଷୁରି (ଗୁବୁ), ହାଣ୍ଡି(କୁଲ) କଣିବା ଏବଂ ବଜାର ବ୍ୟବସ୍ଥା କରିବା ପାଇଁ ସମସ୍ତେ ଲାୟିବେର୍ ବୈଠକରେ ଆଲୋଚନା କରିଥାନ୍ତି। ମାଘମାସ ପ୍ରଥମ ସୋମବାର ଦିନ ୧୦ ଘଣ୍ଟା ସମୟରେ ବଣ୍ଡା ଅଞ୍ଚଳର ସମସ୍ତ ଗ୍ରାମବାସୀ ସଫା ସୁତୁରା ହୋଇ ଲୁଗା ପିନ୍ଧି ପୁରୁଷମାନେ ଧନୁତୀର, ବାଡି, ଟାଙ୍ଗିଆ ଧରି ଏବଂ ଲାଉ ତୁମ୍ବାରେ ସଲପ, ହାଣ୍ଡିଆ, ପେଣ୍ଡମ ସହିତ ମୁଦୁଲିପଡାର ସୁନାରେମ ଠାକୁରଙ୍କ ବୃକ୍ଷମୂଳେ ଏକତ୍ରିତ ହୁଅନ୍ତି। ମାନ୍ଦ୍ରା ପୂଜକ ସେହିଦିନ ଉପବାସ ରହିଥାଏ। ମୁଦୁଲି କିର୍‌ଶାନି ପୂଜକ ମିଶି ପବିତ୍ର ଅନ୍ନ ରାନ୍ଧିଥାନ୍ତି । ଏଥିରେ ବ୍ୟବହାର ହେଉଥିବା ପାଣି (ଡାକ୍) କାଠ (ସୁଅଁ)କୁ କର୍‌ଶାନି ବ୍ୟବସ୍ଥା କରେ। ସୁସୁ ପର୍ବରେ ବାଉଁଶପଡା ଗଡାଇଲେ ଓ ଗୁସୁଂ ଗାଁର ଲୋକମାନଙ୍କର ଭୂମିକା ରହିଥାଏ। ମୁଦୁଲିପଡାର ମୁଦୁଲି ବୃକ୍ଷର କୋରଡରୁ ମହାପ୍ରଭୁ ପାଟଖଣ୍ଡାକୁ ଓହ୍ଲାଇବା ପରେ ପୂଜା କରାଯାଏ । ପୂଜା ପରେ ପୁଣି ଥରେ ସେହି କୋରଡରେ ମୁଦୁଲି ରଖିଦିଏ। ପାଟ ଖଣ୍ଡା ଓହ୍ଲାଇବା ପରେ ମାନ୍ଦ୍ରା ହଳଦୀ ପାଣିରେ ଗାଧୋଇ ନୂଆ ଧାନ ବିହନକୁ ମାଣରେ ଦୁଇଥର ମାପି ଥାଏ ଏବଂ ଦୁଇଥର ହାତ ଆଞ୍ଜୁଳିରେ ମାପିଥାଏ । ଥରେ ସମସ୍ତ ଧାନକୁ ହାତ ଆଞ୍ଜୁଳାରେ ଧରି ତାକୁ ପୂଜା କଲାପରେ ଉପରକୁ ହାତ ଉଠାଇ ଚାରିଆଡେ ବିଞ୍ଚି ଦେଇଥାଏ। ସେହି ବିଞ୍ଚା ହୋଇଥିବା ଧାନକୁ ସମସ୍ତ ଗାଁର ଲୋକମାନେ ଗୋଟେଇ ଯତ୍ନ ସହକାରେ ନିଜ ନିଜ ଗ୍ରାମକୁ ନେଇ ନିଜର ବିହନ ଧାନ ସହିତ ମିଶାଇ ଜମିରେ ବୁଣିଥାନ୍ତି। ପୂଜାର ଏହି ବିହନ ଧାନକୁ ସୁମୁକେର୍ କୁହାଯାଏ। ମୁଦୁଲିପଡ଼ାରେ ସୁସୁ ପର୍ବ ଶେଷ ହୋଇଥାଏ। ଏହାପରେ ବାରଜଙ୍ଗ, ଅଣ୍ଡ୍ରାହଲ ଗ୍ରାମଗୁଡିକରେ ପୂର୍ବେ ନିର୍ଦ୍ଧାରିତ ଦିନ ବାରଗୁଡିକରେ ସୁସୁ ପର୍ବ ହୋଇଥାଏ। ଗୀତ ଗାଇଗାଇ ନାଚିଥାନ୍ତି–

ତୁଗ ସାତକେ ଥଇ ଗୁଗୁରଡକେ କାଇ
ତାଂ ଡାକ୍ ସା ଡ଼କେ ବାଇନେ
ସୁସୁମ କେନଂ ଉଡ଼ାଗ କେନଂଡ଼ାୟି
ସୁରଡ କେନାଂ ଡାୟିନେ

ଗୀତ ନାଚ ପରେ ପୂଜାରୀ ନିଜ ସୁସୁରେ ଗାଆଙ୍ଗକୁ ତେଲ ଲୁଣ ପିଆଜ ନ ପକାଇ ରାନ୍ଧିଥାଏ। ସେହି ସୁସୁର ଗାଆଙ୍ଗରୁ ମୁଠାଏ ଦେଇ ନାଚ ହେଉ ଥିବା ସ୍ଥାନରେ ବିଞ୍ଚି ଦେଇଥାଏ । ତା'ପରେ ଗାଁର ଲୋକମାନେ ଶୁଆଇଥିବା ସମସ୍ତ ଶସ୍ୟକୁ ଏକାଠି କରି ନିଜ ଘରକୁ ନେଇଥାନ୍ତି । ସୁସୁପର୍ବ ପରେ ପୁରୁଷମାନେ ଜମି କାମ କରିଥାନ୍ତି ।

ପାଇଲସାହି, ଜୟପୁର, କୋରାପୁଟ